ଓଁ ଶ୍ରୀ ଗଣେଶାୟ ନମଃ

ପ୍ରାଚୀନ ଭାରତୀୟ ବୈଦିକ ସାହିତ୍ୟ

Vedic Literature of Ancient India

# ଉପନିଷଦ

(ଉପନିଷତ୍)

Upanishad / उपनिषत्

## ୧୦୮ ଉପନିଷଦ ( ଭାଗ – ୩ )

108 Upanishad ( Vol – 3 )


## ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ

Editor – Prakash Pradhan


## ଭାଷା - ସଂସ୍କୃତ-ଓଡିଆ

Language – Sanskrit - Odia


ଉପଦେଷ୍ଟା

## ପଣ୍ଡିତ ଶ୍ରୀ ସନ୍ତୋଷ କୁମାର ମିଶ୍ର

ସଂପାଦକ, ହିନ୍ଦୁ ମହାସଭା, ଓଡ଼ିଶା ଶାଖା

# ବେଦ ଉପନିଷଦ

ଉପନିଷଦ ଗୁଡିକ 'ବେଦ ଯୁଗ'ର ଶେଷ ଆଡ଼କୁ ରଚନା କରାଯାଇଥିଲା । ଉପନିଷଦ 'ଷଦ' ଶବ୍ଦରୁ ଆସିଅଛି, ଷଦ ଅର୍ଥାତ 'ବସିବା', ଏଥିରେ ପୂର୍ବରେ 'ଉପ' ଓ 'ନି' କୁ ଯୋଡା ଯାଇଛି । ଅର୍ଥାତ 'ଉପ' ର ଅର୍ଥ ପାଖରେ , 'ନି' ର ଅର୍ଥ ସମ୍ପୁର୍ଣ୍ଣ ଭାବରେ, ତେଣୁ ଉପ-ନି-ଷଦ, ଯାହାର ଅର୍ଥ ହେଲା, ସମ୍ପୁର୍ଣ୍ଣ ଭାବରେ ଗୁରୁଙ୍କ ପାଖରେ ବସିବା, ଅର୍ଥାତ ସମ୍ପୁର୍ଣ୍ଣ ସମର୍ପଣ ସହିତ ଗୁରୁଙ୍କ ପାଖରେ ବସି ବେଦର ଶେଷ ଭାଗ ଅଧ୍ୟୟନ କରିବା । **ଉପନିଷଦ**କୁ ବେଦର **ଚତୁର୍ଥ ସ୍ତର** ବା ଅଂଶ ବୋଲି କୁହାଯାଏ ।

ଯେହେତୁ ଉପନିଷଦ ଗୁଡିକ ବେଦର ଅନ୍ତ ଆଡ଼କୁ ରଚନା କରାଯାଇଥିଲା, ସେଥିପାଇଁ ଏହାକୁ '**ବେଦାନ୍ତ**' ମଧ୍ୟ କୁହାଯାଏ । ଅଧିକାଂଶ ଉପନିଷଦ ଗୁଡିକର ବିଷୟବସ୍ତୁ '**ଆତ୍ମବିଦ୍ୟା** ଓ '**ବ୍ରହ୍ମବିଦ୍ୟା** ଉପରେ ଆଧାରିତ । ଏହାକୁ ଅନେକ ଗବେଷକ ବା ପଣ୍ଡିତ ବା ଜ୍ଞାନୀମାନେ ଅନେକ ଆଖ୍ୟା ଦେଇଛନ୍ତି ଯଥା – 'ଆଦି ଶଙ୍କରାଚାର୍ଯ୍ୟ' ଏହାକୁ 'ଆତ୍ମ ଓ ବ୍ରହ୍ମବିଦ୍ୟା' କହିଛନ୍ତି, 'ମାକ୍ସ ମୁଲ୍ଲେର୍' ଓ 'ପାଉଲ୍ ଡେଉସାନ୍' ଏହାକୁ 'ଗୁପ୍ତ ଶିକ୍ଷା', ଓ 'ପାଟ୍ରିକ୍ ଓଲିଭେଲ୍ଲେ' 'ଲୁକ୍କାୟିତ ଅର୍ଥ', ବୋଲି କହିଛନ୍ତି ।

ଏହା କୁହାଯାଏ ଯେ, ଯେଉଁ ଶିଷ୍ୟ ମାନଙ୍କର ଚରିତ୍ର, ଶିକ୍ଷା ଓ ଗୁରୁଭକ୍ତି ଠିକ ରହୁଥିଲା, ସେଇମାନଙ୍କୁ କେବଳ ଉପନିଷଦ ଶିକ୍ଷା ଗ୍ରହଣ କରିବାର ସୁଯୋଗ ମିଳୁଥିଲା । ସେଇଥିପାଇଁ ଉପନିଷଦ ମାନଙ୍କୁ "**ଗୁପ୍ତ ବିଦ୍ୟା**" କୁହାଯାଏ ।

ଇତିହାସକାର ଓ ଗବେଷକ ମାନଙ୍କ ଅନୁସାରେ ବେଦରେ ସମୁଦାୟ **୧୦୮**ଟି ଉପନିଷଦ ଅଛି । ଏହିସବୁ ଉପନିଷଦ ଗୁଡିକୁ ପ୍ରତ୍ୟେକ ବେଦ ଅଧୀନରେ ସେମାନଙ୍କର ପ୍ରାଧାନ୍ୟ ଓ ବିଷୟବସ୍ତୁ ଅନୁସାରେ ବିଭକ୍ତ କରାଯାଇଛି । ବିଭକ୍ତିକରଣର ପଦ୍ଧତି ଗୁଡିକ ହେଲେ - **ମୁଖ୍ୟ, ସାମାନ୍ୟ, ସନ୍ନ୍ୟାସ, ଶାକ୍ତ, ବୈଷ୍ଣବ, ଶୈବ**, ଓ **ଯୋଗ** । ଅର୍ଥାତ ପ୍ରତ୍ୟେକ ବେଦର ମୁଖ୍ୟ, ସାମାନ୍ୟ, ସନ୍ନ୍ୟାସ, ଶାକ୍ତ, ବୈଷ୍ଣବ, ଶୈବ, ଓ ଯୋଗ ଉପନିଷଦ ଗୁଡିକ ଅଛି । (ତଳେ ଦିଆଯାଇଥିବା ଟେବୁଲରେ ଏହାର ସଂକ୍ଷିପ୍ତକରଣ ପାଇ ପାରିବେ)

ଏସବୁ ଉପନିଷଦ ଭିତରୁ **ଦଶୋପନିଷଦ,** ଅର୍ଥାତ ୧୦ଟି ଉପନିଷଦକୁ 'ମୁଖ୍ୟ ଉପନିଷଦ' ଭାବରେ ମାନନ୍ତି, ଏଥିରେ, ପରେ ଆଉ ୩ଟି ଉପନିଷଦ ଯୋଗ କରାଯାଇ ଏହାକୁ ୧୩ଟି କରିଦିଆଗଲା । ତେଣୁ **୧୩ଟି ମୁଖ୍ୟ ଉପନିଷଦ**, ସେଗୁଡିକ ହେଲେ - (ଦଶୋପନିଷଦ) - ଈଶ, କେନ, କଠ, ପ୍ରଶ୍ନ, ମୁଣ୍ଡକ, ମାଣ୍ଡୁକ୍ୟ, ତୈତ୍ତିରୀୟ, ଐତରେୟ, ଛାନ୍ଦୋଗ୍ୟ ଓ ବୃହଦାରଣ୍ୟକ, (ଅତିରିକ୍ତ) - କୌଷୀତକି, ଶ୍ୱେତାଶ୍ୱତର ଓ ମୈତ୍ରାୟଣୀୟ ।

# ବେଦ - ଉପନିଷଦ ସଂଗଠନ

| ବେଦ | ସଂଖ୍ୟା | ମୁଖ୍ୟ | ସାମାନ୍ୟ | ସନ୍ନ୍ୟାସ | ଶାକ୍ତ | ବୈଷ୍ଣବ | ଶୈବ | ଯୋଗ |
|---|---|---|---|---|---|---|---|---|
| ଋଗ୍ବେଦ | ୧୦ | ଐତରେୟ, କୌଷୀତକି | ଆତ୍ମବୋଧ, ମୁଦ୍ଗଲ | ନିର୍ବାଣ | ତ୍ରିପୁରା, ସୌଭାଗ୍ୟଲକ୍ଷ୍ମୀ, ବହ୍ବୃଚ, | - | ଅକ୍ଷମାଳିକା | ନାଦବିନ୍ଦୁ |
| ସାମବେଦ | ୧୬ | ଛାନ୍ଦୋଗ୍ୟ, କେନ | ବଜ୍ରସୂଚୀ, ମହା, ସାବିତ୍ରୀ, | ଆରୁଣେୟ, ମୈତ୍ରେୟ, ସଂନ୍ୟାସ, କୁଣ୍ଡିକା | - | ବାସୁଦେବ, ଅବ୍ୟକ୍ତ | ରୁଦ୍ରାକ୍ଷଜାବାଲ, ଜବାଲି | ଯୋଗଚୂଡାମଣି, ଦର୍ଶନ |
| କୃଷ୍ଣ ଯଜୁର୍ବେଦ | ୩୨ | କଠ, ତୈତ୍ତିରୀୟ, ଶ୍ବେତାଶ୍ବତର, ମୈତ୍ରାୟଣୀୟ, | ସର୍ବସାର, ଶୁକରହସ୍ୟ, ସ୍କନ୍ଦ, ଗର୍ଭ, ଶାରୀରକ, ଏକାକ୍ଷର, ଅକ୍ଷି | ବ୍ରହ୍ମ, ଅବଧୂତ, କଠଶ୍ରୁତି | ସରସ୍ବତୀ ରହସ୍ୟ | ନାରାୟଣ, କଳି ସନ୍ତରଣ | କୈବଲ୍ୟ, କାଳାଗ୍ନି ରୁଦ୍ର, ଦକ୍ଷିଣାମୂର୍ତି, ରୁଦ୍ରହୃଦୟ, ପଞ୍ଚବ୍ରହ୍ମ | ଅମୃତବିନ୍ଦୁ, ତେଜୋବିନ୍ଦୁ, ଅମୃତନାଦ, କ୍ଷୁରିକା, ଧ୍ୟାନବିନ୍ଦୁ, ବ୍ରହ୍ମବିଦ୍ୟା, ଯୋଗତତ୍ତ୍ବ, ଯୋଗଶିଖା, ଯୋଗକୁଣ୍ଡଳିନୀ, ବରାହ |
| ଶୁକ୍ଲ ଯଜୁର୍ବେଦ | ୧୮ | ଈଶ, ବୃହଦାରଣ୍ୟକ | ସୁବାଲ, ମନ୍ତ୍ରିକ, ନିରାଲମ୍ବ, ପୈଙ୍ଗଲ, ଅଧ୍ୟାତ୍ମ, ମୁକ୍ତିକା | ଜାବାଲ, ଭିକ୍ଷୁକ, ତୁରୀୟାତୀତ ଅବଧୂତ, ୟାଜ୍ଞବଲ୍କ୍ୟ, ଶାଟ୍-ୟାୟନୀୟ, | - | ତାରସାର | - | ଅଦ୍-ବୟ ତାରକ, ହଂସ, ତ୍ରିଶିଖ-ବ୍ରାହ୍ମଣ, ମଣ୍ଡଳ-ବ୍ରାହ୍ମଣ |

| ବେଦ | ସଂଖ୍ୟା | ମୁଖ୍ୟ | ସାମାନ୍ୟ | ସନ୍ନ୍ୟାସ | ଶାକ୍ତ | ବୈଷ୍ଣବ | ଶୈବ | ଯୋଗ |
|---|---|---|---|---|---|---|---|---|
| ଅଥର୍ବ ବେଦ | ୩୨ | ମୁଣ୍ଡକ, ମାଣ୍ଡୁକ୍ୟ, ପ୍ରଶ୍ନ, | ଆତ୍ମା, ସୂର୍ୟ୍ୟ, ପ୍ରାଣାଗ୍ନିହୋତ୍ର | ଆଶ୍ରମ, ନାରଦପରିବ୍ରାଜକ, ପରମହଂସ, ପରମହଂସ ପରିବ୍ରଜକ, ପରଂବ୍ରହ୍ମ, | ସୀତା, ଦେବୀ, ତ୍ରିପୁରାତାପିନୀ, ଭାବନ | ନୃସିଂହ ତାପନୀୟ, ମହାନାରାୟଣ, ରାମ ରହସ୍ୟ, ରାମ ତାପନୀୟ, ଗୋପାଳ-ତାପନୀ, କୃଷ୍ଣ, ହୟଗ୍ରୀବ, ଦତ୍ତାତ୍ରେୟ, ଗରୁଡ଼ | ଅଥର୍ବସିରସ୍, ଅଥର୍ବଶିଖା, ବୃହଜ୍ଜାବାଲ, ଶରଭ, ଭସ୍ମଜାବାଲ, ଗଣପତ୍ୟର୍ଥବ ଶୀର୍ଷ | ଶାଣ୍ଡିଲ୍ୟ, ପଶୁପତିବ୍ରହ୍ମ, ମହାବାକ୍ୟ |
| ସର୍ବମୋଟ | ୧୦୮ | ୧୩ | ୨୧ | ୧୯ | ୮ | ୧୪ | ୧୩ | ୨୦ |

**ପ୍ରୀୟ ପାଠକ,**

ବିଭିନ୍ନ ସୂତ୍ରରୁ ଉପଲବ୍ଧ ଉପନିଷଦ ମାନଙ୍କ ମଧ୍ୟରେ ସାମାନ୍ୟ ଅନ୍ତର ପରିଲକ୍ଷିତ ହୋଇଥାଏ, ଏହା ଭୁଲ୍ କିମ୍ବା ତୃଟିଯୁକ୍ତ ନୁହେଁ, ଏହା କେବଳ ଭିନ୍ନ ଭିନ୍ନ ସଂସ୍କରଣ ଅଟେ । ଏହି ଉପନିଷଦ ସଂସ୍କରଣରେ ୧୯୪୮ ମସିହାରେ ପ୍ରକାଶିତ "ଇଶାଦି ବିଂଶୋତ୍ତରଶତୋପନିଷଦଃ" ପୁସ୍ତକ ବ୍ୟବହାର କରାଯାଇଛି ।

ଆମ ଜ୍ଞାନ ଅବଧିରେ, ଧ୍ୟାନ ପୂର୍ବକ ସମସ୍ତ ସାବଧାନ, ଓ ଯତ୍ନର ସହିତ ଓଡିଆରେ ରୂପାନ୍ତର କରାଯାଇଛି । ଏଥିରେ ଭୁଲ୍ ବା ତୃଟି ରହିଥାଇପାରେ, ଯଦି କିଛି ତୃଟି ରହିଯାଇଥାଏ, ତାହା ସଂପାଦକଙ୍କ ଦୃଷ୍ଟି ଗୋଚରକୁ ଆଣିବାକୁ ଅନୁରୋଧ ।

ଆଶାକରୁଛି, ଏହା ସମସ୍ତ ଓଡିଆ ଭାଷା ଭାଷୀ ଜ୍ଞାନଲିପ୍ସୁ ଜନମାନଙ୍କ କାମରେ ଆସିବ ଓ ଏହାକୁ ଅନ୍ୟମାନଙ୍କ, ତଥା ଭବିଷ୍ୟତ ପିଢି ପର୍ଯ୍ୟନ୍ତ ପହଞ୍ଚାଇ ଭାରତର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବେ ।

**ତାରିଖ - ୧୦.୦୯.୨୦୨୧**
**ଗଣେଶ ଚତୁର୍ଥୀ**

**ଶ୍ରୀ ପ୍ରକାଶ ପ୍ରଧାନ**
**ସଂପାଦକ**
ସଂସାରଫଳ, ପଚାମୁଣ୍ଡାଇ, କେନ୍ଦ୍ରାପଡା, ଓଡିଶା

# ସନ୍ନ୍ୟାସ ଉପନିଷଦ

(Sannyasa Upanishad)

ଓଁ ଶ୍ରୀ ଗଣେଶାୟ ନମଃ

# ପରମହଂସ ଉପନିଷଦ

(Paramasamsopanisat / Paramasamsa Upanishad)

**ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ**

Editor – Prakash Pradhan

**ଭାଷା - ସଂସ୍କୃତ-ଓଡିଆ**

Language – Sanskrit - Odia

**ଶୁଦ୍ଧିକରଣ (**Proofreading by)

ଶ୍ରୀ ଶେଷଦେବ ଦାଶ




**ଶ୍ରୀ ପ୍ରକାଶ ପ୍ରଧାନ**

ସଂପାଦକ

prakash@scholarshoppe.com


## ଶୁଦ୍ଧିକରଣ




**ଶ୍ରୀ ଶେଷଦେବ ଦାଶ**

ପୋଡାମାରି ଗଡ, ସାନଖେମୁଣ୍ଡି,

ଗଞ୍ଜାମ, ଓଡିଶା

sesanirbhaya@gmail.com

# ପରମହଂସୋପନିଷତ୍ / ପରମହଂସ ଉପନିଷଦ

## ।। ଅଥ ପରମହଂସୋପନିଷତ୍ ।।

ପରମହଂସୋପନିଷଦ୍ବେଦ୍ୟାପାରସୁଖାକୃତି ।
ତ୍ରୈପାଦଶ୍ରୀରାମତତ୍ତ୍ୱଂ ସ୍ୱମାତ୍ରମିତି ଚିନ୍ତୟେ ।।

ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ ।
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ ।।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।।

ହରିଃ ଓଁ ।।

ଅଥ ଯୋଗିନାଂ ପରମହଂସାନାଂ କୋଽୟଂ ମାର୍ଗସ୍ତେଷାଂ କା
ସ୍ଥିତିରିତି ନାରଦୋ ଭଗବନ୍ତମୁପଗତ୍ୟୋବାଚ । ତଂ ଭଗବାନାହ ।
ଯୋଽୟଂ ପରମହଂସମାର୍ଗୋ ଲୋକେ ଦୁର୍ଲଭତରୋ ନ ତୁ ବାହୁଲ୍ୟୋ
ଯଦ୍ୟେକୋ ଭବତି ସ ଏବ ନିତ୍ୟପୂତସ୍ଥଃ ସ ଏବ ବେଦପୁରୁଷ ଇତି ବିଦୁଷୋ
ମନ୍ୟନ୍ତେ ମହାପୁରୁଷୋ ଯଚ୍ଚିତ୍ତଂ ତତ୍ସର୍ବଦା ମୟ୍ୟେବାବତିଷ୍ଠତେ ତସ୍ମାଦହଂ
ଚ ତସ୍ମିନ୍ନେବାବସ୍ଥୀୟତେ ।
ଅସୌ ସ୍ୱପୁତ୍ରମିତ୍ରକଲତ୍ରବନ୍ଧ୍ୱାଦୀଞ୍ଛିଖାଯଜ୍ଞୋପବୀତେ ସ୍ୱାଧ୍ୟାୟଂ ଚ
ସର୍ବକର୍ମାଣି ସଂନ୍ୟସ୍ୟାୟଂ ବ୍ରହ୍ମାଣ୍ଡଂ ଚ ହିତ୍ୱା କୌପୀନଂ ଦଣ୍ଡମାଚ୍ଛାଦନଂ ଚ
ସ୍ୱଶରୀରୋପଭୋଗାର୍ଥାୟ ଚ ଲୋକସ୍ୟୋପକାରାର୍ଥାୟ ଚ ପରିଗ୍ରହେତ୍ ।
ତଚ୍ଚ ନ ମୁଖ୍ୟୋଽସ୍ତି କୋଽୟଂ ମୁଖ୍ୟ ଇତି ଚେଦୟଂ ମୁଖ୍ୟଃ ।

Not For Commercial Use

ନ ଦଣ୍ଡଂ ନ ଶିଖଂ ନ ଯଜ୍ଞୋପବୀତଂ ନ ଚାଚ୍ଛାଦନଂ ଚରତି ପରମହଂସୋ
ନ ଶିତଂ ନ ଚୋଷ୍ଣଂ ନ ସୁଖଂ ନ ଦୁଃଖଂ ନ ମାନାବମାନେ ଚ ଷଡୂର୍ମିବର୍ଜଂ
ନିନ୍ଦାଗର୍ବମତ୍ସରଦମ୍ଭଦର୍ପେଚ୍ଛାଦ୍ୱେଷସୁଖଦୁଃଖକାମକ୍ରୋଧଲୋଭମୋହହର୍ଷାସୂୟାହଂକାରାଦୀଂଶ୍ଚ
ହିତ୍ୱା ସ୍ୱବପୁଃ କୁଣପମିବ ଦୃଷ୍ୟତେ ଯତସ୍ତଦ୍ୱପୁରପଧ୍ୱସ୍ତଂ
ସଂଶୟବିପରୀତମିଥ୍ୟାଜ୍ଞାନାନାଂ ଯୋ ହେତୁସ୍ତେନ
ନିତ୍ୟନିବୃତ୍ତସ୍ତନ୍ନିତ୍ୟବୋଧସ୍ତସ୍ୱୟମେବାବସ୍ଥିତିସ୍ତଂ
ଶାନ୍ତମଚଲମଦ୍ୱୟାନନ୍ଦବିଜ୍ଞାନଘନ ଏବାସ୍ମି ।
ତଦେବ ମମ ପରମଧାମ ତଦେବ ଶିଖା ଚ ତଦେବୋପବୀତଂ ଚ ।
ପରମାତ୍ମାତ୍ମନୋରେକତ୍ୱଜ୍ଞାନେନ ତୟୋର୍ଭେଦ ଏବ ବିଭଗ୍ନଃ ସା ସଂଧ୍ୟା ॥

ସର୍ବାନ୍-କାମାନ୍ପରିତ୍ୟଜ୍ୟ ଅଦ୍ୱୈତେ ପରମସ୍ଥିତିଃ ।
ଜ୍ଞାନଦଣ୍ଡୋ ଧୃତୋ ୟେନ ଏକଦଣ୍ଡୀ ସ ଉଚ୍ୟତେ ॥

କାଷ୍ଠଦଣ୍ଡୋ ଧୃତୋ ୟେନ ସର୍ବାଶି ଜ୍ଞାନବର୍ଜିତଃ ।
(ତିତ୍କ୍ଷାଜ୍ଞାନବୈରାଗ୍ୟଶମାଦିଗୁଣବର୍ଜିତଃ । ଭିକ୍ଷାମାତ୍ରେଣ ଯୋ ଜୀବେତ୍ସ ପାପୀ ଯତିବୃତ୍ତିହା ।)
ସ ୟାତି ନରକାନ୍ଘୋରାନ୍ମହାରୌରବସଂଜ୍ଞକାନ୍ ।
ଇଦମନ୍ତରଂ ଜ୍ଞାତ୍ୱା ସ ପରମହଂସ ଆଶାମ୍ବରୋ ନନମସ୍କାରୋ
ନସ୍ୱଧାକାରୋ ନ ନିନ୍ଦା ନ ସ୍ତୁତିର୍ୟାଦୃଚ୍ଛିକୋ ଭବେଦ୍-ଭିକ୍ଷୁଃ ।
ନାବାହନଂ ନ ବିସର୍ଜନଂ ନ ମନ୍ତ୍ରଂ ନ ଧ୍ୟାନଂ ନୋପାସନଂ
ଚ ନ ଲକ୍ଷ୍ୟଂ ନାଲକ୍ଷ୍ୟଂ ନ ପୃଥଙ୍-ନାପୃଥଗହଂ ନ ନ ତ୍ୱଂ ନ
ସର୍ବଂ ଚାନିକେତସ୍ଥିତିରେବ ଭିକ୍ଷୁଃ ସୌବର୍ଣ୍ଣାଦୀନାଂ ନୈବ
ପରିଗ୍ରହେନ୍ନ ଲୋକଂ ନାବଲୋକଂ ଚ ଚାବାଧକଃ କ ଇତି
ଚେଦ୍-ବାଧକୋଽସ୍ତ୍ୟେବ ୟସ୍ମାଦ୍-ଭିକ୍ଷୁର୍ହିରଣ୍ୟଂ ରସେନ ଦୃଷ୍ଟଂ
ଚ ସ ବ୍ରହ୍ମହା ଭବେଦ୍ୟସ୍ମାଦ୍-ଭିକ୍ଷୁର୍ହିରଣ୍ୟଂ ରସେନ ସ୍ପୃଷ୍ଟଂ
ଚେତ୍ସ ପୌଲ୍କସୋ ଭବେଦ୍ୟସ୍ମାଦ୍-ଭିକ୍ଷୁର୍ହିରଣ୍ୟଂ ରସେନ ଗ୍ରାହ୍ୟଂ ଚ ସ
ଆତ୍ମହା ଭବେତ୍ତସ୍ମାଦ୍-ଭିକ୍ଷୁର୍ହିରଣ୍ୟଂ ରସେନ ନ ଦୃଷ୍ଟଂ ଚ ସ୍ପୃଷ୍ଟଂ ଚ ନ ଗ୍ରାହ୍ୟଂ ଚ ।


Not For Commercial Use

ସର୍ବେ କାମା ମନୋଗତା ବ୍ୟାବର୍ତନ୍ତେ ଦୁଃଖେ ନୋଦ୍ୱିଗ୍ନଃ ସୁଖେ ନ ସ୍ପୃହା
ତ୍ୟାଗୋ ରାଗେ ସର୍ବତ୍ର ଶୁଭାଶୁଭୟୋରନଭିସ୍ନେହୋ ନ ଦ୍ୱେଷ୍ଟି ନ ମୋଦଂ ଚ ।
ସର୍ବେଷାମିନ୍ଦ୍ରିୟାଣାଂ ଗତିରୁପରମତେ ୟ ଆତ୍ମନ୍ୟେବାବସ୍ଥୀୟତେ ।
ୟତ୍-ପୂର୍ଣ୍ଣାନନ୍ଦୈକବୋଧସ୍ତଦ୍-ବ୍ରହ୍ମବାହମସ୍ମୀତି କୃତକୃତ୍ୟୋ ଭବତି କୃତକୃତ୍ୟୋ ଭବତି ।।

ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ ।
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ ।।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।।

ହରିଃ ଓଁ ତତ୍ସତ୍ ।।

## ।। ଇତି ଶ୍ରୀପରମହଂସୋପନିଷତ୍ସମାପ୍ତା ।।

Not For Commercial Use